# ନବୀନବାବୁ, ତା'ହେଲେ ଏ ସବୁ କ'ଣ ?

୨୨/୦୩/୨୦୦୯

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଅଧିକାଂଶ ପ୍ରସଙ୍ଗରେ ନବୀନବାବୁ ସୁବିଧାବାଦୀ ନିରବତା ଅବଲମ୍ବନ କରୁଥିବା କଥା ଅତୀତରେ ଆମେ ବହୁବାର ଉଲ୍ଲେଖ କରିଛୁ । ନିଜ ସରକାର ବିରୋଧରେ ଯେତେଗୁଡ଼ିଏ ଅଭିଯୋଗ ଆସୁଛି ସେଗୁଡ଼ିକର କୌଣସି ଉତ୍ତର ସେ ଦେଉନାହାନ୍ତି । ତେଣୁ ଗତ ସୋମବାର ଦିନ ବିଧାନସଭାରେ ନଗର ଉନ୍ନୟନ ବିଭାଗର ସଚିବଙ୍କ ବଦଳିକୁ ନେଇ ଆସିଥିବା ଦୁର୍ନୀତି ଅଭିଯୋଗର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କର ଆସ୍ଫାଳନ- 'ମୁଁ କ'ଣ ରାଜ୍ୟବାସୀ ଭଲଭାବରେ ଜାଣନ୍ତି' ଆମକୁ ଆଜି ଆମୋଦିତ କରୁଛି । ନବୀନ ସରକାରଙ୍କ ବର୍ଷପୂର୍ତି ଅବସରରେ 'ସମ୍ବାଦ' ତରଫରୁ ମତାମତ ସଂଗ୍ରହ କରାଯାଇ ସରକାରଙ୍କର ମୂଲ୍ୟାୟନ କରାଯାଇଥିଲା । ନବୀନବାବୁଙ୍କ ସରକାର ସମନ୍ୱୟର ଅଭାବରୁ ଦିଶାହୀନ ଓ ଅପାରଗ ହୋଇପଡ଼ିଥିବା କଥା କୁହାଯାଇଥିଲା । ତା'ସତ୍ତ୍ୱେ ନବୀନବାବୁ ବ୍ୟକ୍ତିଗତ ଭାବେ ଅପେକ୍ଷାକୃତ ନିଷ୍କଳଙ୍କ ବୋଲି ସାଧାରଣ ଲୋକ ମନେ କରୁଥିବା କଥା ଉଲ୍ଲେଖ କରାଯାଇଥିଲା । ଆମ ମୁଖ୍ୟମନ୍ତ୍ରୀ ଏ ପ୍ରକାର ସମୀକ୍ଷାରେ ବୋଧହୁଏ ମାତ୍ରାଧିକ ଉତ୍ସାହିତ ହୋଇ ଆଜି ନିଜ ସମ୍ପର୍କରେ ଏଭଳି ମତପୋଷଣ କରିଛନ୍ତି ।

ବିଗତ ସପ୍ତାହ ମାନଙ୍କରେ ସରକାରଙ୍କ ବିରୋଧରେ ଯେଉଁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଛି, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେବାପାଇଁ ନବୀନବାବୁ ଉଚିତ ମନେ କରୁନାହାନ୍ତି । ପ୍ରଥମେ ମଦ ନିଗମକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ତମ୍ଭରେ ଏକ ସରଳ ପ୍ରଶ୍ନ ପଚାରିଥିଲୁ । ଆଶା କରିଥିଲୁ, ମାନ୍ୟବର ମୁଖ୍ୟମନ୍ତ୍ରୀ କିମ୍ବା ଅବକାରୀ ବିଭାଗ କିମ୍ବା ମଦ ନିଗମ ଏହାର ପ୍ରତିବାଦ କରିବେ । ଜନସାଧାରଣଙ୍କୁ ସ୍ପଷ୍ଟୀକରଣ ଦେବେ ।  ମଦ ନିଗମର ଅଧ୍ୟକ୍ଷ ଅନ୍ୟ କାଗଜରେ ବିଜ୍ଞାପନ ଛାପି ସେମାନଙ୍କୁ ସନ୍ତୁଷ୍ଟ କଲେ । କିନ୍ତୁ ଆମ ପ୍ରଶ୍ନର ଉତ୍ତର କାହିଁ ? ଆମେ ତ ୩୦ କୋଟି ଟଙ୍କାର ଦୁର୍ନୀତି କଥା କହିଥିଲୁ । ଅଭିଯୋଗକୁ ଅସତ୍ୟ ବୋଲି ପ୍ରମାଣ କରିପାରିଲେ କ୍ଷମା ପ୍ରାର୍ଥନା କରିବୁ ବୋଲି ମଧ୍ୟ ଉଲ୍ଲେଖ କରିଥିଲୁ । ନିଗମର ଅଧ୍ୟକ୍ଷ ଓ ତାଙ୍କର ପୃଷ୍ଠପୋଷକ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କର ସେଥିପାଇଁ ସାହସ କୁଳେଇଲା ନାହିଁ କାହିଁକି ?

ଶାଶୁବୋହୂମାଳି ବକ୍ସାଇଟ୍ ଖଣିର ଲିଜ୍ ଦେବା ପ୍ରଶ୍ନକୁ କେନ୍ଦ୍ର କରି ବହୁ ତୁମିତୋଫାନ ହେଲା । ମାନ୍ୟବର ମନ୍ତ୍ରୀ ଶ୍ରୀ ସିଂହଦେଓ ମହୋଦୟ ଅତ୍ୟନ୍ତ ନିର୍ଲଜ ଭାବେ ଆସ୍ଫାଳନ କଲେ ଯେ, ବିଜୁବାବୁ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କର ପୁଅମାନେ କେବେ ଦୁର୍ନୀତି କରି ନ ପାରନ୍ତି । ଏଭଳି ଯୁକ୍ତି ଶୁଣି ହସିବା କି କାନ୍ଦିବା ଜାଣିହେଉନାହିଁ । ଜନତା ଦଳ ଏବଂ ବର୍ତ୍ତମାନର ବିଜୁ ଜନତା ଦଳ ବରାବର ପାରିବାରିକ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରି ଆସିଛନ୍ତି । କଂଗ୍ରେସ ଦଳକୁ ଏ ନେଇ ଛୋଟ କରି ଦେଖିବାରେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି । ଆଜି ସ୍ୱର୍ଗତ ବାପାମାନଙ୍କର ଯଶ ଓ କୀର୍ତ୍ତି ଆଢୁଆଳରେ ରହି ନିଜର ଦୁର୍ବଳତାକୁ ଘଣ୍ଟ ଘୋଡ଼ାଇବା ଉଦ୍ୟମ ଏକ ଯୋଗ୍ୟ ପିତାର ଅଯୋଗ୍ୟ ସନ୍ତାନର କାର୍ଯ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ମାନ୍ୟବର ମନ୍ତ୍ରୀ ମହୋଦୟ ଅସଲ ପ୍ରସଙ୍ଗ ଓ ପ୍ରଶ୍ନର ଉତ୍ତର ସିଧାସଳଖ ଦେଇଥିଲେ ନିଜକୁ ଅଭିଯୋଗମୁକ୍ତ କରିପାରିଥାନ୍ତେ । ଶାଶୁବୋହୂମାଳି ଖଣି ଲିଜ୍ ପ୍ରସଙ୍ଗ ଓଡ଼ିଶାରେ ସ୍ୱାଭିମାନର ଅଭାବ ଓ ଉପେକ୍ଷିତ ସ୍ୱାର୍ଥର ଏକ ପ୍ରତୀକ ହୋଇ ରହିବ । କେନ୍ଦ୍ର ସରକାର ତ ବାଲ୍‌କୋର ଅଂଶଧନକୁ ତରବରିଆ ଭାବରେ ବିକିଦେଲେ; କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ୨୦୦୦ କୋଟି ଟଙ୍କାର ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦେଇଦେବାରେ ତା'ଠାରୁ ଅଧିକ ତତ୍ପରତା ଦେଖାଇଲେ । ବର୍ତ୍ତମାନ ସଫେଇ ଦିଆଯାଉଛି ଯେ, ଓଡ଼ିଶା ସରକାର ଏ ଲିଜ୍ ନ ଦେଇଥିଲେ କେନ୍ଦ୍ର ସରକାର ତାଙ୍କ ଅଧିକାର ବଳରେ ଏହାକୁ ବାଲ୍‌କୋ ପାଇଁ ସଂରକ୍ଷିତ କରିଦେଇଥାନ୍ତେ । କିନ୍ତୁ ମାନ୍ୟବର ମନ୍ତ୍ରୀ ମହୋଦୟ ଗୋଟିଏ କଥା ଭୁଲିଯାଉଛନ୍ତି ଯେ, ଆଇନରେ ଖଣି ଲିଜ୍ ଦେବା ପ୍ରସଙ୍ଗ କେବଳ ରାଜ୍ୟ ସରକାରଙ୍କ ଅଧିକାରଭୁକ୍ତ । କେନ୍ଦ୍ର ସରକାରଙ୍କ ଏ ସମ୍ପର୍କରେ ଅଧିକାର କେବଳ ଅନୁମୋଦନ ଦେବାରେ ସୀମିତ । ରାଜ୍ୟ ସରକାର ତାଙ୍କର ଅଧିକାରକୁ କେଉଁ ସ୍ୱାର୍ଥ ସାଧନ ପାଇଁ ଅଣଦେଖା କଲେ ଏବଂ ୨୦୦୦ କୋଟି ଟଙ୍କାର ସମ୍ପତ୍ତିକୁ ବେପାରୀ ହାତରେ ଟେକିଦେଲେ ? ଦରିଦ୍ର ଓଡ଼ିଶା ଜଗନ୍ନାଥଙ୍କ ଆଶୀର୍ବାଦରୁ ତିନି ରକମର ସମ୍ପତ୍ତି ପାଇଛି । ଭୂମିତଳେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ, ଭୂମି ଉପରେ ଥିବା ବନ ସମ୍ପଦ ଏବଂ ଏହାକୁ ଘେରିଥିବା ୫୦୦ କିଲୋମିଟରର ବେଳାଭୂମି ସମ୍ପଦ । ଆମର ଦୁର୍ଭାଗ୍ୟ, ଆଜି ଆମର ନେତାମାନେ ଏ ସମ୍ପଦଗୁଡ଼ିକୁ ବିଭିନ୍ନ ବାହାନାରେ ଲୁଟିବାରେ ଲାଗିଛନ୍ତି । ବାଲ୍‌କୋ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କର ନିରବତା ତା'ଠାରୁ ଅଧିକ ଦୁର୍ଭାଗ୍ୟଜନକ । ଅତୀତରେ ନବୀନବାବୁ କେନ୍ଦ୍ରର ଖଣି ବିଭାଗର ମନ୍ତ୍ରୀ ଥିଲେ । ସେ ତ ଅନ୍ତତଃପକ୍ଷେ ଜାଣିଥିବେ, ଏ ସମ୍ପର୍କିତ ନୀତିନିୟମ କ'ଣ ? ସେ କିପରି ଏଭଳି ଓଡ଼ିଶା ବିରୋଧୀ କାର୍ଯ୍ୟକୁ ଉତ୍ସାହିତ କଲେ ?

ଶେଷରେ ନଗର ଉନ୍ନୟନ ସଚିବଙ୍କ ବଦଳିକୁ ନେଇ ଆସିଥିବା ଅଭିଯୋଗ କଥା ବିଚାର କରାଯାଉ । ଏହାକୁ କେହି କେହି ଓଡ଼ିଶାର 'ତେହେଲ୍‌କା' ବୋଲି କହୁଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏ ସମ୍ପର୍କିତ ଉତ୍ତର କିନ୍ତୁ ଆଦୌ ଗ୍ରହଣୀୟ ହେଉନାହିଁ । 'ପ୍ୟାରୀମୋହନ ମହାପାତ୍ର ଜଣେ ବେସରକାରୀ ବ୍ୟକ୍ତି । ତାଙ୍କ ମନ୍ତବ୍ୟକୁ ନେଇ ବାଦବିବାଦ ସୃଷ୍ଟି ହେବା ଅନୁଚିତ । ମୁଁ କ'ଣ ରାଜ୍ୟବାସୀ ଭଲଭାବରେ ଜାଣନ୍ତି । ଦକ୍ଷତା ବୃଦ୍ଧି କରିବାପାଇଁ ସଚିବମାନଙ୍କର ବଦଳି କରାଯାଇଛି ।' ଆମେ ମୁଖ୍ୟମନ୍ତ୍ରୀଙ୍କ ଏ ଯୁକ୍ତିକୁ ଗ୍ରହଣ କରୁଛୁ । ସଚିବଙ୍କ ବଦଳି ତାଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ ବ୍ୟାପାର । କିନ୍ତୁ କଥାଟି ହେଲା, ପ୍ୟାରୀବାବୁ ବିଜୁବାବୁଙ୍କର ପ୍ରଥମ ପରାମର୍ଶଦାତା ସଚିବ ଥିଲେ । ଏବେ ମଧ୍ୟ ନିଜକୁ ବିଜୁ ଅନୁଗତ ଭାବରେ ଉପସ୍ଥାପିତ କରିବାରେ ସଙ୍କୋଚ କରୁନାହାନ୍ତି । ସ୍ୱାଭାବିକ ଭାବରେ ବିଜୁନନ୍ଦନଙ୍କ ଉପରେ ତାଙ୍କର କିଛିଟା ପ୍ରଭାବ ରହିବା ମଧ୍ୟ ଦୋଷାବହ ନୁହେଁ । ନବୀନବାବୁ ପ୍ୟାରୀବାବୁଙ୍କ ସହିତ ତାଙ୍କ ସରକାରଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସଫେଇ ଦେବାରେ ଯେତିକି ଗୁରୁତ୍ୱ ଦେଉଛନ୍ତି, ଆଗତ ଅଭିଯୋଗଗୁଡ଼ିକର ଉତ୍ତର ଯଦି ସେହିପରି ଗୁରୁତ୍ୱର ସହିତ ଦିଅନ୍ତେ, ତା'ହେଲେ ଅଧିକ ଗ୍ରହଣୀୟ ହୁଅନ୍ତେ । କିନ୍ତୁ ଯେଉଁ ପରିସ୍ଥିତିରେ ଏବଂ ଯେପରି ଭାବରେ ନଗର ଉନ୍ନୟନ ସଚିବଙ୍କ ବଦଳି ହେଲା, ତାହା ସାଧାରଣରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିବା ସହିତ ଅନେକ ପ୍ରଶ୍ନ ଉପସ୍ଥାପିତ କରୁଛି । ଗତ ଜୁନ୍ ମାସରେ ଭୁବନେଶ୍ୱର ସହରରେ ଗଢ଼ି ଉଠିଥିବା ଅନେକ ଅଟ୍ଟାଳିକା ସମ୍ପର୍କରେ ନଗର ଉନ୍ନୟନ ସଚିବ ସମୀକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ଏହା ଜାଣନ୍ତି କି ? ରାଜଧାନୀ ସହରରେ ଯେ କୌଣସି ନିର୍ମାଣ କାର୍ଯ୍ୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ହୁଏ । ସଚିବଙ୍କର ସମୀକ୍ଷାରେ ଦେଖାଗଲା ଯେ, ଉନ୍ନୟନ କର୍ତ୍ତୃପକ୍ଷ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରରୋଚନାରେ ଅନେକଗୁଡ଼ିଏ ବେଆଇନ କାର୍ଯ୍ୟ କରିଛନ୍ତି । ଏହା କ'ଣ ମିଛ କି ? ନିୟମ ଉଲ୍ଲଂଘନ କରି ନିର୍ମିତ ହୋଇଥିବା ଅନେକ ଅଟ୍ଟାଳିକାକୁ ଭାଙ୍ଗିଦେବା ସହିତ  ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ କରାଯାଇଥିବା କଥାଟି କ'ଣ ସତ ନୁହେଁ ? କୋଟି କୋଟି ଟଙ୍କାର ବିନିଯୋଗରେ ନିର୍ମିତ ହୋଇଥିବା ଅଟ୍ଟାଳିକାକୁ ଯଦି ହୃଷିବାବୁ ନାଲିଆଖି ଦେଖାଇ ଭାଙ୍ଗିଦେବେ ବୋଲି କହିଥିବେ, ତାହାହେଲେ କ'ଣ ନିର୍ମାଣ ସଂସ୍ଥାମାନେ ତାଙ୍କ ସ୍ୱାର୍ଥ ରକ୍ଷା କରିବାପାଇଁ ତାଙ୍କ ବଦଳି ଚାହିଁବା ଅସ୍ୱାଭାବିକ ? ସେଥିପାଇଁ କୋଟିଏ ଟଙ୍କାର ଲାଞ୍ଚ ଦେବା କ'ଣ ସମ୍ପୂର୍ଣ୍ଣ ଅମୂଳକ ? ଏ ସବୁ ପ୍ରଶ୍ନ ଆଜି ସାଧାରଣ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରୁଛି । କିନ୍ତୁ ଆମ ମୁଖ୍ୟମନ୍ତ୍ରୀଙ୍କୁ ତାହା କାହିଁକି ଆନ୍ଦୋଳିତ କରୁନାହିଁ - ଏହା ହିଁ ଅସ୍ୱାଭାବିକ ମନେ ହେଉଛି ।

ସବୁଠାରୁ କୌତୂହଳର ପ୍ରଶ୍ନ ହେଲା, ନଗର ଉନ୍ନୟନ ସଚିବ ଯେଉଁ ସବୁ ନିୟମ ଉଲ୍ଲଂଘନର କଥା କହିଛନ୍ତି, ତାହା ବିଗତ କଂଗ୍ରେସ ସରକାରଙ୍କ ଅମଳର । କଂଗ୍ରେସ ସରକାରର ଦୁର୍ନୀତିକୁ ଘଣ୍ଟ ଘୋଡ଼େଇବାପାଇଁ ଆଜି ନବୀନ ସରକାର ଯେପରି ତତ୍ପରତା ପ୍ରକାଶ କରୁଛି, ତାହା ଆମକୁ ଅଧିକ ସନ୍ଦେହାଙ୍କନ୍ନ କରୁଛି । 'ତୁ ତ ମୂତୁରୀ ମୁଁ ତ ମୂତୁରୀ, ହେଁସ କାହିଁପାଇଁ ଧୋଇବା' ନ୍ୟାୟରେ ହୁଏତ ଏହାକୁ ଚଳେଇ ନେବାପାଇଁ ଆମର କୁଚକ୍ରୀ ଅମଲାତନ୍ତ୍ର ଗୋଷ୍ଠୀ ନବୀନବାବୁଙ୍କୁ ପ୍ରଭାବିତ କରୁଥାଇପାରନ୍ତି ବୋଲି ଆମର କାହିଁକି ସନ୍ଦେହ ହେଉଛି ।

ନବୀନବାବୁ, ଆପଣ ସିନା କହିଲେ, ଆପଣ କ'ଣ, ତାହା ଓଡ଼ିଶାବାସୀ ଭଲ ଭାବରେ ଜାଣନ୍ତି । ଆମେ କିନ୍ତୁ ଆଜି ପଚାରୁଛୁ- ତା'ହେଲେ ଏ ସବୁ କ'ଣ ? ଏ ପ୍ରଶ୍ନର ଆପଣ କି ଉତ୍ତର ଦେବେ ଅପେକ୍ଷା କରି ରହିଲୁ ।